ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସାମାଜିକ ଗଣମାଧ୍ୟମରେ ଦେଲେ ସାଧାରଣ ଲୋକଙ୍କ ଉତ୍ତର

## ଓଡ଼ିଶାରେ ପ୍ରଥମ ଥର ପାଇଁ କୌଣସି ସରକାରୀ ବିଭାଗ ସାଧାରଣ ଜନତାଙ୍କ ଏତେ ନିକଟତର ହେବା ପାଇଁ ଅଭିନବ ପ୍ରୟାସ

ଭୁବନେଶ୍ୱର, ୧୩ ଫେବୃଆରୀ ୨୦୨୦

ଚଳିତ ଫେବୃଆରୀ ୧୧ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ 'ମୋ ସରକାର'ରେ ଆନୁଷ୍ଠାନିକ ଭାବେ ଅନ୍ତର୍ଭୁକ୍ତ କରିଥିବାବେଳେ ବିଭାଗୀୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ସିଧାସଳଖ ସାମାଜିକ ଗଣମାଧ୍ୟମରେ ଜନସାଧାରଣଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି । ଆଜି ଫେସବୁକ୍ ଏବଂ ଟୁଇଟର ଜରିଆରେ ମନ୍ତ୍ରୀ ଲୋକଙ୍କ ବିଭିନ୍ନ ପ୍ରଶ୍ନର ସିଧାସଳଖ ଉତ୍ତର ରଖିଥିଲେ ଏବଂ ସରକାରଙ୍କ ଅନ୍ୟାନ୍ୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପୂର୍ବରୁ ଏଥି ନିମନ୍ତେ ଗତ ୧୧ ତାରିଖ ମଧ୍ୟରେ ସାଧାରଣ ଲୋକମାନେ #AskOdishaFoodMinister ହ୍ୟାସ୍‌ଟ୍ୟାଗ୍‌କୁ ବ୍ୟବହାର କରି ଟୁଇଟର ଏବଂ ଫେସବୁକ୍ ମାଧ୍ୟମରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ, ଯାହାର ଉତ୍ତର ଆଜି ମନ୍ତ୍ରୀ ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ସିଧାସଳଖ ଦେଇଛନ୍ତି । ସୀମିତ ସମୟ ହେତୁ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସମ୍ଭବ ହୋଇପାରି ନଥିବାରୁ ବଳକା ରହି ଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଫେସବୁକ୍ ଏବଂ ଟୁଇଟର ମାଧ୍ୟମରେ ଲୋକଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

ବିଭିନ୍ନ ପ୍ରଶ୍ନଗୁଡ଼ିକ ମଧ୍ୟରେ ଚାଷୀମାନଙ୍କଠାରୁ ସରକାରଙ୍କ ଧାନ ସଂଗ୍ରହ ମୁଖ୍ୟ ପ୍ରସଙ୍ଗ ରହିଥିବାବେଳେ ଏହାର ଉତ୍ତର ଦେଇ ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ ଏଥିରେ ଥିବା ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଯିବ । ଏଥି ସହିତ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ଉନ୍ନତିକୁ ମୁଖ୍ୟ ପ୍ରାଥମିକତା ପ୍ରଦାନ କରାଯାଇଥିବାବେଳେ ସୁଲଭ ବଣ୍ଟନ ତଥା ଏହାର ବିକାଶ ଦିଗରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଧାନ ସଂଗ୍ରହ କ୍ଷେତ୍ରରେ ପ୍ରକୃତ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏତଦ୍‌ବ୍ୟତୀତ ଏହିପରି କାର୍ଯ୍ୟକ୍ରମକୁ ଓଡ଼ିଶାର ଜନସାଧାରଣ ବିପୁଳ ସମର୍ଥନ କରିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଭବିଷ୍ୟତରେ ଯଦି ଜନସାଧାରଣ ଚାହିଁବେ ଏହିପରି ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଭାଗ ପକ୍ଷରୁ ଆୟୋଜନ କରାଯିବା ସହିତ ଦିନକୁ ଦିନ ସରକାର ଜନସାଧାରଣଙ୍କର ଆହୁରି ନିକଟତର ହେବାକୁ ପ୍ରୟାସ ଜାରି ରଖିବେ ।

ତାପସ କୁମାର ସାହା
ସୂଚନା ଅଧିକାରୀ